## ଭୂମିହୀନଙ୍କୁ ଜମି ହସ୍ତାନ୍ତର

**ବଇଣ୍ଡା,(ଡି.ଏନ.ଏ.):** କିଶୋରନଗର ବ୍ଲକ ରଣିଆକଟା ପଞ୍ଚାୟତର ୩ଜଣ ଭୂମିହୀନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ନିର୍ମାଣ ନିମନ୍ତେ ମଙ୍ଗଳବାର ତହସିଲ ପକ୍ଷରୁ ଜମି ହସ୍ତାନ୍ତର କରାଯାଇଛି। ତହସିଲଦାର ଲକ୍ଷ୍ମୀପ୍ରସାଦ ସାହୁ, ରଣିଆକଟା ରାଜସ୍ୱ ନିରୀକ୍ଷକ ସୁନୀତା ସାହୁ ବଙ୍କୁଆଳ ଗ୍ରାମର ବଳରାମ ନାୟକ, ଶଶୀଭୂଷଣ ନାୟକ, ରଣିଆକଟାର ପ୍ରମିଳା ଭୋଇଙ୍କୁ ଜମିପଟା ହସ୍ତାନ୍ତର କରିଛନ୍ତି। ଆଉ ୩୫ ଜଣଙ୍କୁ ଖୁବ୍‌ଶୀଘ୍ର ଜମିପଟା ପ୍ରଦାନ କରାଯିବ ବୋଲି ତହସିଲଦାର ସାହୁ ପ୍ରକାଶ କରିଛନ୍ତି।

**ସଂକ୍ଷେପରେ**

## ବୁଢ଼ୀ ବାଘୁଣୀର ଚିକିତ୍ସା ପ୍ରସ୍ତୁତି

**ବନ୍ତଲା,୨୮।୭(ଡି.ଏନ.ଏ.):** ଅନୁଗୋଳ ଜିଲା ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପରେ ପୂର୍ବରୁ ଥିବା ଏକମାତ୍ର ପୁରୁଣା ତଥା ବୁଢ଼ୀ ବାଘୁଣୀ ଲାଞ୍ଜରେ କ୍ଷତ ଥିବାରୁ ତାହାର ଚିକିତ୍ସା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ରାଇଗୁଡା ଏନ୍‌କ୍ଲୋଜରକୁ ଲାଗି ଏକ ଅତ୍ୟାଧୁନିକ ଏନ୍‌କ୍ଲୋଜର ନିର୍ମାଣ କରାଯାଇଛି। ଏହାର ଉଚ୍ଚତା ୧୬ ଫୁଟ ଓ ଲମ୍ବା ୨୫ ଫୁଟ ରହିଛି। ବାଘୁଣୀ ଏହା ଭିତରକୁ ପଶିଲେ ଅଟୋମେଟିକ ଲୁହା ଗେଟ ବନ୍ଦ ହୋଇଯିବ। ବାଘୁଣୀକୁ ଏନ୍‌କ୍ଲୋଜର ମଧ୍ୟକୁ ପ୍ରବେଶ କରାଇବା ପାଇଁ ଭିତରେ ଶିକାର ରଖା ଯାଇଥିବା ଆଞ୍ଚଳିକ ମୁଖ୍ୟ ବନସଂରକ୍ଷକ ପ୍ରଦୀପ ରାଜ କରାଟେ ପ୍ରକାଶ କରିଛନ୍ତି।

## ହତ୍ୟା ଅଭିଯୁକ୍ତ ଗିରଫ

**ଖମାର,୨୮।୭:** ଅନୁଗୋଳ ଜିଲା ପାଲଲହଡ଼ା ବ୍ଲକ ଖମାର ଥାନା ଦେବାହାଳି ଗ୍ରାମରେ ଗତ ୨୩ ତାରିଖରେ ଘଟିଥିବା ରମେଶ ପ୍ରଧାନ(୫୨)ଙ୍କ ହତ୍ୟା ଘଟଣାରେ ପୋଲିସ ଅଭିଯୁକ୍ତ ବାବୁଲି ସେଠୀଙ୍କୁ ମଙ୍ଗଳବାର ଗିରଫ କରିଛି। ଥାନା ଅଧିକାରୀ ନିରୋଦ ଦାସଙ୍କ କହିବା ଅନୁଯାୟୀ, ଅଭିଯୁକ୍ତ ବାବୁଲି ଓ ରମେଶଙ୍କ ପରିବାର ମଧ୍ୟରେ ଜମିଜମାକୁ ନେଇ ଶତ୍ରୁତା ଲାଗି ରହିଥିଲା। ରମେଶ ଗୁଣିଗାରେଡି କରୁଥିବା ବାବୁଲି ସନ୍ଦେହ କରୁଥିଲେ। ଏହାକୁ ନେଇ ୨୩ ତାରିଖ ରାତିରେ ବାବୁଲି ଟାଙ୍ଗିଆରେ ରମେଶଙ୍କୁ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ରମେଶଙ୍କୁ ଖମାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଇଥିଲେ ହେଁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ମୃତକଙ୍କ ଭାଇ ସୁରେଶଙ୍କ ଅଭିଯୋଗକୁ ଆଧାରକରି ପୋଲିସ ନଂ.୧୨୮/୨୦ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା।

## ପାଣିରେ ବୁଡ଼ି ୨ ମୃତ

**ଅନୁଗୋଳ ଅଫିସ୍/ କାମାକ୍ଷନଗର, ୨୮।୭:** ଅନୁଗୋଳ ଥାନା ଲିଙ୍ଗରାଯୋଡ଼ି ଘାସି ସାହିର ଦିଲୀପ ନାଏକଙ୍କ ୪ ବର୍ଷର ପୁଅ ଶୀତଲ ନାଏକଙ୍କ ପାଣିରେ ବୁଡି ମୃତ୍ୟୁ ହୋଇଥିବା ମେଡିକାଲ ସୂତ୍ରରୁ ସୂଚନା ମିଳିଛି। ପରିବାର ଲୋକେ ଶିଶୁଟିକୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟ ଆଣିଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ଅନୁଗୋଳ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସେହିପରି ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ବଡ଼ସୁଆଁଳ ଗ୍ରାମ ନିକଟରେ ପ୍ରବାହିତ ମାହାପଟ ନାଳରେ ବୁଡ଼ିଯାଇ ବିନୋଦ ସ୍ୱାଇଁ (୫୫)ଙ୍କ ମୃତ୍ୟୁ ଘଟିଛି। ମଙ୍ଗଳବାର ପୂର୍ବାହ୍ନରେ ବିନୋଦ ଗାଧୋଇବାକୁ ଯାଇଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି କାମାକ୍ଷାନଗର ଡାକ୍ତରଖାନାକୁ ଆଣିଥିଲେ। ଏଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

## ଚା ପିଉଥିବା ବେଳେ ଟଳିପଡ଼ିଲେ

**ଅନୁଗୋଳ ଅଫିସ୍, ୨୮।୭:** ଅନୁଗୋଳ ଜିଲା ନାଲ୍‌କୋ ଥାନା ତେନ୍ତୁଲେଇ ଅଞ୍ଚଳରେ ଶିକ୍ଷୟିତ୍ରୀ ଥିବା ସ୍ତ୍ରୀଙ୍କ ନିକଟକୁ ଆସିଥିବା କଣିହାଁ ଅଞ୍ଚଳର କବିରାଜ ପ୍ରଧାନ(୫୦) ମଙ୍ଗଳବାର ସକାଳେ ଚା ପିଉଥିବାବେଳେ ପ୍ରାଣ ହରାଇଛନ୍ତି। ତାଙ୍କୁ ସ୍ଥାନୀୟ ଲୋକେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ ହେଁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ଅନୁଗୋଳ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ ସହ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି।

## ଅଗଷ୍ଟ ୧ରୁ ପିଓଏସ୍‌ରେ କର ଆଦାୟ

**ଅନୁଗୋଳ ଅଫିସ୍, ୨୮।୭:** ଅନୁଗୋଳ ପୌରପାଳିକା ପକ୍ଷରୁ ପଏଣ୍ଟ ଅଫ୍ ସେଲ୍(ପିଓଏସ୍)ରେ ଆସନ୍ତା ୧ ତାରିଖରୁ ହୋଲ୍ଡିଂ ଟ୍ୟାକ୍ସ ଆଦାୟ କରାଯିବ। ଏ ନେଇ ଅନୁଗୋଳ ପୌରପାଳିକାକୁ ୮ଟି ପିଓଏସ୍ ମେଶିନ୍ ଆସିଥିବା ପୌର ନିର୍ବାହୀ ଅଧିକାରୀ ବିନୋଦ ଚନ୍ଦ୍ର ପଣ୍ଡା ସୂଚନା ଦେଇଛନ୍ତି। ପିଓଏସ୍‌ରେ କର ଆଦାୟ କରାଗଲେ ପୂର୍ବଭଳି ଆଉ ଟ୍ୟାକ୍ସ କଲେକ୍ଟରମାନେ ରସିଦ୍ ବହି ଧରି ଘର ଘର ବୁଲିବେ ନାହିଁ। ଯେଉଁମାନେ ଟ୍ୟାକ୍ସ ପୈଠ କରିବେ ସେମାନଙ୍କୁ ମେଶିନ୍‌ରୁ ରସିଦ୍ ପ୍ରଦାନ କରାଯିବ। ଏବେ ୮ ଜଣ ଟ୍ୟାକ୍ସ କଲେକ୍ଟରଙ୍କୁ ପିଓଏସ୍ ମେଶିନ୍‌ରେ କର ଆଦାୟ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ପୌରପାଳିକା ପକ୍ଷରୁ ସୂଚନା ମିଳିଛି।

# ଆଶ୍ରୟ ଦେଇପାରୁନି ‘ଆଶ୍ରୟ’ ଯୋଜନା


ନିର୍ମାଣାଧୀନ ରାତ୍ରି ଆଶ୍ରୟସ୍ଥଳୀ।

**ଅନୁଗୋଳ ଅଫିସ, ୨୮।୭**

- ତାଳଚେରରେ ନିର୍ମାଣ ସରିଛି, କାର୍ଯ୍ୟକ୍ଷମ ହୋଇନି
- ପାଣି ଅଭାବରୁ ଅନୁଗୋଳରେ ଅଧାରେ ଅଟକିଛି ଆଶ୍ରୟସ୍ଥଳୀ କାମ
- ରାତ୍ରି ରହଣି ପାଇଁ ଅସୁବିଧାର ସମ୍ମୁଖୀନ ପ୍ରବାସୀ ନିର୍ମାଣ ଶ୍ରମିକ

ସହରକୁ ଆସି ବିଭିନ୍ନ ନିର୍ମାଣ କାର୍ଯ୍ୟ କରୁଥିବା ପ୍ରବାସୀ ନିର୍ମାଣ ଶ୍ରମିକମାନଙ୍କୁ ସ୍ୱଳ୍ପ ଦେୟରେ ସାମୟିକ ରାତ୍ରି ରହଣିର ସୁବିଧା ଦେବାକୁ ରାଜ୍ୟ ସରକାର କାର୍ଯ୍ୟକାରୀ କରିଥିବା ‘ଆଶ୍ରୟ’ ଯୋଜନା ଅନୁଗୋଳ ଜିଲାରେ ଏଯାଏ ସଫଳତା ପାଇପାରି ନାହିଁ। ଏଥିରେ ସାମିଲ ହୋଇଥିବା ଜିଲାର ଅନୁଗୋଳ ଓ ତାଳଚେର ପୌରପାଳିକାରେ ଏହି ରାତ୍ରି ଆଶ୍ରୟସ୍ଥଳୀ କାର୍ଯ୍ୟକ୍ଷମ ହୋଇପାରି ନ ଥିବାରୁ ପ୍ରବାସୀ ନିର୍ମାଣ ଶ୍ରମିକମାନେ କେଉଁଠି ଖୋଲା ଆକାଶ ତଳେ ତ ଆଉ କେଉଁଠି ବସ୍‌ଷ୍ଟପ୍‌ରେ ଶୋଇବାକୁ ବାଧ୍ୟ ହେଉଛନ୍ତି।

ପ୍ରବାସୀ ନିର୍ମାଣ ଶ୍ରମିକମାନଙ୍କୁ ଅଧିକ ସୁବିଧା ଦେବାକୁ ୨୦୧୮ ମସିହାରୁ ରାଜ୍ୟ ସରକାର ଆଶ୍ରୟ ଯୋଜନାରେ ସେଲଟର ଫର ଅରବାନ୍ ହୋମ୍ ଲେସ୍ (ରାତ୍ରି ଆଶ୍ରୟସ୍ଥଳୀ) ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଥିଲେ। ପ୍ରଥମ ପର୍ଯ୍ୟାୟରେ ୫ଟି ମହାନଗର ନିଗମ ଓ ୫ଟି ପୌରପାଳିକାରେ ଏଭଳି ବ୍ୟବସ୍ଥା ଲାଗୁ କରାଯାଇଥିଲା। ଏହି ଯୋଜନାରେ ଅନୁଗୋଳ ଓ ତାଳଚେର ପୌରପାଳିକାକୁ ୪୦ ଲକ୍ଷ ଟଙ୍କା ଲେଖାଏ ଅନୁଦାନ ଆସିଥିଲା। ଉକ୍ତ ଅର୍ଥ ନିଅଣ୍ଟ ପଡୁଥିଲେ ବି ତାଳଚେର ପୌରପାଳିକା ପକ୍ଷରୁ ବସ୍‌ଷ୍ଟାଣ୍ଡ ନିକଟରେ ଯେନତେନ ପ୍ରକାର ୫୦ ଶଯ୍ୟା ବିଶିଷ୍ଟ ଏହି ରାତ୍ରି ଆଶ୍ରୟସ୍ଥଳୀ କାର୍ଯ୍ୟ ନିକଟରେ ଶେଷ କରାଯାଇଛି। କିନ୍ତୁ ଏହାର ପରିଚାଳନା ଦାୟିତ୍ୱ ହସ୍ତାନ୍ତର କରାଯାଇ ନ ଥିବାରୁ ଏହା କାର୍ଯ୍ୟକ୍ଷମ ହୋଇପାରି ନାହିଁ। ସେହିପରି ଅନୁଗୋଳ ପୌରପାଳିକା ପକ୍ଷରୁ ଇକୋ ପାର୍କ ନିକଟରେ ରାତ୍ରିଆଶ୍ରୟସ୍ଥଳୀ ନିର୍ମାଣ ପାଣି ଅଭାବରୁ ଶେଷ ହୋଇପାରୁନାହିଁ। ସରକାରଙ୍କୁ ଅଧିକ ଟଙ୍କା ମଗାଯାଇଛି। ଟଙ୍କା ଆସିଲେ କାର୍ଯ୍ୟ ଆରମ୍ଭ ହେବ ବୋଲି କୁହାଯାଉଛି। ନିର୍ମାଣ ଶେଷ ପରେ ପୌରପାଳିକା ପକ୍ଷରୁ ଉକ୍ତ ଆଶ୍ରୟସ୍ଥଳୀକୁ ସ୍ୱୟଂ ସହାୟକ ଗୋଷ୍ଠୀକୁ ହସ୍ତାନ୍ତର କରାଯିବ। ଗୋଷ୍ଠୀ ପକ୍ଷରୁ ଏହାକୁ ଲିଜ୍ ଆକାରରେ ନିଆଯିବା ସହ ରକ୍ଷଣାବେକ୍ଷଣ କରାଯିବ। ଏହି ରାତ୍ରି ଆଶ୍ରୟସ୍ଥଳୀରେ ଯେଉଁ ପ୍ରବାସୀ ନିର୍ମାଣ ଶ୍ରମିକମାନେ ରାତ୍ରି ଯାପନ କରିବେ ସେମାନଙ୍କୁ ଅଳ୍ପ କିଛି ଟଙ୍କା ଦେବାକୁ ପଡ଼ିବ। ତେବେ କେତେ ଟଙ୍କା ଦେବାକୁ ହେବ ସେ ନେଇ ନିଷ୍ପତ୍ତି ହୋଇନାହିଁ। ସ୍ୱୟଂ ସହାୟକ ଗୋଷ୍ଠୀକୁ ହସ୍ତାନ୍ତର କରିବା ପରେ ଏ ନେଇ ନିଷ୍ପତ୍ତି ନିଆଯିବ ବୋଲି ସୂଚନା ମିଳିଛି।

**ସେମାନଙ୍କ ମୁହଁରୁ**

**ନିର୍ମାଣ ସରିଛି, ହସ୍ତାନ୍ତର ହୋଇନି**



ରାତ୍ରି ଆଶ୍ରୟସ୍ଥଳୀ କାର୍ଯ୍ୟ ଶେଷ ହୋଇଛି। ଅର୍ଥ ନିଅଣ୍ଟ ପଡ଼ିଥିବାରୁ ଏହାକୁ ସମ୍ପୂର୍ଣ୍ଣ କରିବାରେ ସାମାନ୍ୟ ବିଳମ୍ବ ହୋଇଥିଲା। ଏଯାଏ କାହାକୁ ହସ୍ତାନ୍ତର କରାଯାଇ ନାହିଁ। ନିୟମାନୁଯାୟୀ ଟେଣ୍ଡର କରାଯାଇ ସ୍ୱୟଂସହାୟକ ଗୋଷ୍ଠୀକୁ ହସ୍ତାନ୍ତର କରାଯିବ।
- ଅତସି ପରିଡ଼ା, ପୌର ନିର୍ବାହୀ ଅଧିକାରୀ, ତାଳଚେର ପୌରପାଳିକା

**ଅର୍ଥ ଅଭାବରୁ ଶେଷ ହୋଇନାହିଁ**



ଖାଲୁଆ ସ୍ଥାନକୁ ପୋତାଯାଇ ଆଶ୍ରୟସ୍ଥଳୀ ନିର୍ମାଣ କରାଯାଉଥିବାରୁ ଅର୍ଥ ନିଅଣ୍ଟ ପଡ଼ିଛି। ସରକାରଙ୍କୁ ଅଧିକ ୧୫ ଲକ୍ଷ ଟଙ୍କା ମଗାଯାଇଛି। ଉକ୍ତ ଅର୍ଥ ଆସିଲେ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବା ସହ ଏହାକୁ କାର୍ଯ୍ୟକ୍ଷମ କରିବାର ବନ୍ଦୋବସ୍ତ କରାଯିବ।
- ବିନୋଦ ଚନ୍ଦ୍ର ପଣ୍ଡା, ନିର୍ବାହୀ ଅଧିକାରୀ, ଅନୁଗୋଳ ପୌରପାଳିକା

**ରାତ୍ରି ଆଶ୍ରୟସ୍ଥଳୀ ହେଲେ ଆଉ ଭୟ ରହିବ ନାହିଁ**



ଜିଲାର ବିଭିନ୍ନ ସ୍ଥାନକୁ କାମ କରିବାକୁ ଯାଉଥିବାରୁ କେତେବେଳେ ଘରକୁ ଫେରୁ ତ ଆଉ କେତେବେଳେ କେଉଁଠି ରହିଯାଉ। ଏଥିପାଇଁ ମନରେ ଭୟ ରହିଥାଏ। ଅନୁଗୋଳରେ ରାତ୍ରି ଆଶ୍ରୟସ୍ଥଳୀ ମିଳିଗଲେ ସେ ଭୟ ଆଉ ରହନ୍ତା ନାହିଁ।
- ହାଡ଼ିଆ ପ୍ରଧାନ, ଗରୁଡ଼ୁ, ବଇଣ୍ଡା

**କାମ ସରିଲେ ରହିବା ଚିନ୍ତା ବଢ଼େ**



ଢେଙ୍କାନାଳରୁ ଦୈନିକ ଅନୁଗୋଳ ଆସି କାମ କରୁଛି। ବେଳେ ବେଳେ ଫେରି ନ ପାରି ରାତିରେ ଏଠି ସେଠି ଶୋଇପଡୁଛି। ସରକାରଙ୍କ ପକ୍ଷରୁ ରାତି ଆଶ୍ରୟସ୍ଥଳୀର ବ୍ୟବସ୍ଥା ହୋଇପାରିଲେ ମୁଣ୍ଡ ଗୁଞ୍ଜିବା ଚିନ୍ତା ରହନ୍ତା ନାହିଁ।
- ଘାସିରାମ ସାମଲ, ଠୋକର, ହିନ୍ଦୋଳ

## ୨୧ ସଂକ୍ରମିତ, ସୁସ୍ଥ ହେଲେ ୨୨



**ଅନୁଗୋଳ ଅଫିସ୍, ୨୮।୭**

ଅନୁଗୋଳ ଜିଲାରୁ ମଙ୍ଗଳବାର ୨୧ ଜଣ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ବଁଅରପାଳ ବ୍ଲକ ଅଞ୍ଚଳରୁ ସର୍ବାଧିକ ୧୪ ଜଣ, କଣିହାଁ ବ୍ଲକ ରେଙ୍ଗାଳି ପଞ୍ଚାୟତରୁ ୩ ଜଣ, ତାଳଚେର ବ୍ଲକ ଅଞ୍ଚଳର ୨ ଜଣ ଓ ଅନୁଗୋଳ ବ୍ଲକ ଅଞ୍ଚଳର ୨ ଜଣ ସଂକ୍ରମିତ ରହିଥିବା ସୂଚନା ମିଳିଛି। ଏହି ୨୧ ଜଣଙ୍କୁ ମିଶାଇ ଜିଲାରେ ମୋଟ୍ ପଜିଟିଭ୍ ସଂଖ୍ୟା ୨୮୬ରେ ପହଞ୍ଚିଛି। ସେହିପରି ମଙ୍ଗଳବାର ୨୨ ଜଣ ସୁସ୍ଥ ହୋଇ କୋଭିଡ୍ କେୟାର ସେଣ୍ଟରକୁ ନିରୀକ୍ଷଣ ପାଇଁ ସ୍ଥାନାନ୍ତର ହୋଇଥିବାରୁ ମୋଟ୍ ସୁସ୍ଥଙ୍କ ସଂଖ୍ୟା ୧୭୧ରେ ପହଞ୍ଚିଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଅନୁଗୋଳ ରକ୍ତ ଭଣ୍ଡାର ପକ୍ଷରୁ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିବା ବେଳେ ଜଣେ କୋଭିଡ୍ ଆକ୍ରାନ୍ତ ବାହାରିବାରୁ ବୁଧବାର ରକ୍ତଭଣ୍ଡାରକୁ ବିଶୋଧନ କରାଯିବ ବୋଲି ଜଣାପଡ଼ିଛି। ଅପରପକ୍ଷରେ କଣିହାଁ ବ୍ଲକ ରେଙ୍ଗାଳି ସରପଞ୍ଚ ରଶ୍ମିତା ସେଠୀ ପଞ୍ଚାୟତକୁ ଜୁଲାଇ ୩୧ ତାରିଖ ପର୍ଯ୍ୟନ୍ତ ଶଟ୍‌ଡାଉନ୍ ଘୋଷଣା କରିଛନ୍ତି। ସେହିପରି ନିକଟସ୍ଥ କୁଲୁମା ପଞ୍ଚାୟତ ସରପଞ୍ଚ ମଧ୍ୟ ପଞ୍ଚାୟତକୁ ୩୦ ତାରିଖ ପର୍ଯ୍ୟନ୍ତ ଶଟ୍‌ଡାଉନ୍‌ରଖିବାକୁଘୋଷଣା କରିଛନ୍ତି।

## ଅତିଷ୍ଠ କଲାଣି ଅଘୋଷିତ ବିଦ୍ୟୁତ୍ କାଟ୍

**ଢେଙ୍କାନାଳ ଅଫିସ, ୨୮।୭**

- ସହରବାସୀଙ୍କ ମଧ୍ୟରେ ବଢୁଛି ଅସନ୍ତୋଷ
- ସୋସିଆଲ ମିଡିଆରେ ଜଣାଇଲେ କ୍ଷୋଭ

ଢେଙ୍କାନାଳ ସହରରେ ଅଘୋଷିତ ବିଦ୍ୟୁତ୍ କାଟ୍ ସହରବାସୀଙ୍କୁ ଅତିଷ୍ଠ କଲାଣି। ଏହାକୁ ନେଇ ଆନ୍ଦୋଳନ ଦାନା ବାନ୍ଧୁଥିବାବେଳେ ମଙ୍ଗଳବାର ବୁଦ୍ଧିଜୀବୀମାନେ ସୋସିଆଲ ମିଡିଆରେ ସେସୁ ବିରୋଧରେ କ୍ଷୋଭ ବ୍ୟକ୍ତ କରିଛନ୍ତି। ମଙ୍ଗଳବାର ବିନା ସୂଚନାରେ ଦିନ ୧୧ଟାରୁ ସନ୍ଧ୍ୟା ୭ଟା ଯାଏ ବିଦ୍ୟୁତ୍ ବିଭ୍ରାଟ ଦେଖାଦେଇଥିଲା। କିଛିଦିନ ତଳେ ଡାକବାଜି ଯନ୍ତ୍ରରେ ପ୍ରଚାର କରିବା ପରେ ସକାଳ ସମୟରେ ବିଦ୍ୟୁତ୍‌କାଟ କରି ସେସୁ କର୍ତ୍ତୃପକ୍ଷ ଗ୍ରୀଡ୍ ମରାମତି କରିଥିଲେ। ଏହାର କିଛି ଦିନ ପରେ ଗ୍ରୀଡ୍ ଖରାପ କହି ୬-୭ଘଣ୍ଟା ବିଦ୍ୟୁତ୍ କାଟ୍ ହେବାକୁ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଅନ୍ୟପଟେ ସେସୁପକ୍ଷରୁ ବିଳମ୍ବରେ ମିଟର ରିଡିଂ ନେଇ ବିଲ୍ ପ୍ରଦାନ କରାଯାଉଛି। ଏହାଯୋଗୁ ଦେୟ ଅଧିକ ଆସୁଛି। ଦୋଳମଣ୍ଡପ ସାହି, ବଳରାମ ମନ୍ଦିର ଅଞ୍ଚଳ, ଦକ୍ଷିଣକାଳୀ ରୋଡ୍, କୁଞ୍ଜକାନ୍ତ ଲଳିତନଗର ଅଞ୍ଚଳରେ ଏହି ସମସ୍ୟା ବଢ଼ିବାରେ ଲାଗିଛି। ବିଦ୍ୟୁତ୍ କାଟ ସମୟରେ ଫ୍ୟୁଜକଲ ଅଫିସକୁ ଯୋଗାଯୋଗ କରିବା ସମୟରେ ଫୋନ୍ ଲାଗୁନାହିଁ। ଜାଣିଶୁଣି ଅଧିକାରୀମାନେ ଫୋନ୍ ଉଠାଉନାହାନ୍ତି ବୋଲି ସାମାଜିକ କର୍ମୀ ପଙ୍କଜ ନାୟକ ଏବଂ ବରିଷ୍ଠ ନାଗରିକ ରୁଦ୍ରମାଧବ ମହାପାତ୍ର ପ୍ରମୁଖ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ସେସୁ ନିର୍ବାହୀଯନ୍ତ୍ରୀ ସତ୍ୟବ୍ରତ ମହାନ୍ତି କୁହନ୍ତି, ଗ୍ରୀଡ୍‌ରେ ସମସ୍ୟା ସୃଷ୍ଟି ହୋଇଛି। ଏହା ଆମ ହାତର କଥା ନୁହେଁ। ଏସ୍‌ଡିଓ, କନିଷ୍ଠଯନ୍ତ୍ରୀ ସମସ୍ତେ ଉପସ୍ଥିତ ରହି ମରାମତି କାର୍ଯ୍ୟରେ ନିୟୋଜିତ ଅଛନ୍ତି ବୋଲି ସେ ସୂଚନା ଦେଇଛନ୍ତି।

# ପ୍ଲାଜ୍‌ମା ଦାନ ପାଇଁ ଉତ୍ସାହିତ କର

**ଅନୁଗୋଳ ଅଫିସ୍, ୨୮।୭**

- ବିଧାୟକମାନଙ୍କୁ ପରାମର୍ଶ ଦେଲେ ମନ୍ତ୍ରୀ
- ଅନୁଗୋଳରେ ପ୍ଲାଜ୍‌ମା ବ୍ୟାଙ୍କ ପାଇଁ ପ୍ରସ୍ତାବ ଦିଅ
- ଖୁବ୍‌ଶୀଘ୍ର ଆରମ୍ଭ ହେବ ପ୍ଲାଷ୍ଟିକ୍ ପାର୍କ କାର୍ଯ୍ୟ

କରୋନାରୁ ସୁସ୍ଥ ହୋଇଥିବା ଅନୁଗୋଳ ଜିଲାର ଲୋକମାନେ କିପରି ପ୍ଲାଜମା ଦାନ ପାଇଁ ଆଗେଇ ଆସିବେ ସେ ସମ୍ପର୍କରେ ସଚେତନତା ସୃଷ୍ଟି ସହ ଅଧିକରୁ ଅଧିକ ପ୍ଲାଜ୍‌ମା ସଂଗ୍ରହ ଉପରେ ରାଜ୍ୟ ବିଜ୍ଞାନ ଓ କାରିଗରି, ସାଧାରଣ ଉଦ୍ୟୋଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଗୁରୁତ୍ୱ ଦେଇଛନ୍ତି। ମଙ୍ଗଳବାର ଅନୁଗୋଳ ଜିଲା ଗସ୍ତରେ ଆସି ମନ୍ତ୍ରୀ ସ୍ଥାନୀୟ ସର୍କିଟ ହାଉସଠାରେ ପ୍ଲାଜମା ସଂଗ୍ରହ ସମ୍ପର୍କରେ ସମୀକ୍ଷା କରିଥିଲେ।

ଅନୁଗୋଳ ଜିଲାରେ ଯେଉଁମାନେ ପ୍ଲାଜ୍‌ମା ଦାନ କରିବେ ସେମାନଙ୍କୁ ଚିହ୍ନଟ ନିମନ୍ତେ ଏକ ମେଡିକାଲ ଟିମ୍ ଗଠନ ସହ ସମସ୍ତ ସୁସ୍ଥଙ୍କୁ ନେଇ ହ୍ୱାଟ୍ସଆପ୍ ଗ୍ରୁପ୍ କରିବାକୁ ମନ୍ତ୍ରୀ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନିଜ ନିଜ ବିଧାନସଭା କ୍ଷେତ୍ରରେ କରୋନାରୁ ସୁସ୍ଥ ହୋଇଥିବା ବ୍ୟକ୍ତିମାନଙ୍କୁ ପ୍ଲାଜମା ଦାନ ପାଇଁ ଉତ୍ସାହିତ କରିବାକୁ ଉପସ୍ଥିତ ବିଧାୟକମାନଙ୍କୁ ମନ୍ତ୍ରୀ ଅନୁରୋଧ କରିଥିଲେ। ଜିଲା ପ୍ରଶାସନ ପକ୍ଷରୁ ୨ ଜଣ ନୋଡାଲ ଅଫିସର ଭୁବନେଶ୍ୱର ସେମାନଙ୍କୁ ନେବା ଆଣିବା ଦାୟିତ୍ୱରେ ରହିବେ। ଏହାଛଡ଼ା ଜିଲା ଖଣିଜ ପାଣ୍ଠିରେ ଅନୁଗୋଳରେ ଏକ ପ୍ଲାଜ୍‌ମା ବ୍ୟାଙ୍କ ପ୍ରତିଷ୍ଠା ପାଇଁ ଜିଲାପାଳ ସରକାରଙ୍କୁ ପ୍ରସ୍ତାବ ଦେବା ସହ ବିଭିନ୍ନ ଆନୁଷଙ୍ଗିକ ବ୍ୟବସ୍ଥା ଓ ତାଲିମ କାର୍ଯ୍ୟକ୍ରମ ଆୟୋଜନ ପାଇଁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ସେହିପରି ଅନୁଗୋଳରେ ସାଇନ୍ସ ପାର୍କ ଖୁବ୍‌ଶୀଘ୍ର ପ୍ରତିଷ୍ଠା ହେବ ବୋଲି ମନ୍ତ୍ରୀ କହିଥିଲେ। ଏଥିପାଇଁ ଆବଶ୍ୟକ ଜାଗା ଯୋଗାଇ ଦେବାକୁ ଜିଲାପାଳଙ୍କୁ ପରାମର୍ଶ ଦେଇଥିଲେ। ଜିଲାରେ ଭିନ୍ନକ୍ଷମମାନଙ୍କ ସର୍ବେକ୍ଷଣ, କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ରୋପଣ ଓ ଦକ୍ଷତା ବୃଦ୍ଧି ପାଇଁ ଜିଲା ଖଣିଜ ପାଣ୍ଠି ବିନିଯୋଗରେ ଜିଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ର ପ୍ରତିଷ୍ଠା କରିବାକୁ ମନ୍ତ୍ରୀ ଅନୁରୋଧ କରିଥିଲେ। ଏହି ବୈଠକରେ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା, ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଓ ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଲ ପ୍ରମୁଖ ଯୋଗଦେଇଥିଲେ। ଜିଲାପାଳ ମନୋଜ କୁମାର ମହାନ୍ତି ପ୍ଲାଜମା ଥେରାପି ବ୍ୟବସ୍ଥା ସରକାରଙ୍କ ଏକ ଅଭିନବ ପ୍ରୟାସ ବୋଲି କହିଥିଲେ। ଏସ୍‌ପି ଜଗମୋହନ ମୀନା, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଅଭୟ କୁମାର ଦାଶ, ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ସନ୍ତୋଷ କୁମାର ପ୍ରଧାନ, ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଦିଲୀପ କୁମାର ସାହୁ ଧନ୍ୟବାଦ ଦେଇଥିଲେ।



# ଛିଣ୍ଡିଯାଇଛି ସମ୍ପର୍କର ରିଲ୍

**ରତନ ନାୟାର**
**ଢେଙ୍କାନାଳ ଅଫିସ, ୨୮।୭**

- ଭ୍ରାମ୍ୟମାଣ ସିନେମାର ଭାଗ୍ୟ ଅନ୍ଧାର
- ଖତ ଖାଉଛି ପ୍ରୋଜେକ୍ଟର, ରିଲ୍, ଯନ୍ତ୍ରାଂଶ
- ୩୦ବର୍ଷ ଧରି ବାଣ୍ଟୁଥିଲା ସଚେତନତା ବାର୍ତ୍ତା
- ମନୋରଞ୍ଜନ ସହ ଜଣାଉଥିଲା ଯୋଜନା

ସଞ୍ଜ ଗଡ଼ିଲେ ଗାଁରେ ଜମୁଥିଲା ଆସର। ଲାଗୁଥିଲା ପ୍ରୋଜେକ୍ଟର। ଟଙ୍ଗା ଯାଇଥିବା ଧଳା କପଡ଼ା ଉପରେ ଧାଉଁଥିଲା ଛବି। ମନୋରଞ୍ଜନ ଭିତରେ ଜଣାଇ ଦିଆଯାଉଥିଲା ସରକାରୀ ଯୋଜନା। ଲୋକେ ବୁଝୁଥିଲେ। କାମରେ ବି ଲଗାଉଥିଲେ। ହେଲେ ଏବେ ପରିସ୍ଥିତି ବଦଳିଯାଇଛି। ବୈଷୟିକ ଜ୍ଞାନକୌଶଳର ଅଗ୍ରଗତି, ଟେଲିଭିଜନ, ମୋବାଇଲର ବହୁଳ ପ୍ରଚଳନ ଭିତରେ ସତେ ଯେମିତି ଛିଣ୍ଡିଯାଇଛି ‘ଭ୍ରାମ୍ୟମାଣ ସିନେମା’ର ରିଲ୍। ଗ୍ରାମାଞ୍ଚଳବାସୀ ଏବଂ ସରକାରଙ୍କ ମଧ୍ୟରେ ଦୀର୍ଘ ୩୦ବର୍ଷ ଧରି ସମ୍ପର୍କ ଯୋଡ଼ିଥିବା ଏହି ଲୋକପ୍ରିୟ କାର୍ଯ୍ୟକ୍ରମର ଭାଗ୍ୟ ଅନ୍ଧକାର ମଧ୍ୟକୁ ଠେଲି ହୋଇଯାଇଥିବା ବେଳେ ସରକାରୀ କାର୍ଯ୍ୟାଳୟର ଚାରିକାନ୍ଥ ଭିତରେ ଖତ ଖାଉଛି ପ୍ରୋଜେକ୍ଟର, ରିଲ୍ ଏବଂ ଯନ୍ତ୍ରାଂଶ।

ଗ୍ରାମାଞ୍ଚଳର ନିରକ୍ଷର ଏବଂ କମ୍ ଶିକ୍ଷିତ ଲୋକଙ୍କ ପାଖରେ ବିଭିନ୍ନ ସରକାରୀ ଯୋଜନା ପହଞ୍ଚାଇବାକୁ ୬୦ ଦଶକରେ ଆରମ୍ଭ ହୋଇଥିଲା ‘ଭ୍ରାମ୍ୟମାଣ ସିନେମା’। ସୂଚନା ଓ ଲୋକସମ୍ପର୍କ ବିଭାଗ ସହଯୋଗରେ କର୍ମଚାରୀମାନେ ଗାଁ ଗାଁ ବୁଲି ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଉଥିଲେ। ପ୍ରୋଜେକ୍ଟରରେ ଓଡ଼ିଆ ସିନେମା ସାଙ୍ଗକୁ ପ୍ରଦର୍ଶିତ ହେଉଥିଲା ଡକ୍ୟୁମେଣ୍ଟାରୀ। ୧୯୯୫ ଯାଏ ଏହି ଭ୍ରାମ୍ୟମାଣ ଚଳଚ୍ଚିତ୍ର ଲୋକଙ୍କ ମନୋରଞ୍ଜନ କରି ଆସୁଥିଲା। ତେବେ ଡିଜିଟାଲ ଯୁଗ ସହ ତାଳ ଦେଇ ନ ପାରିବା ଏବଂ ଜନସଚେତନତା କାର୍ଯ୍ୟକ୍ରମରେ ଲୋକକଳା ପ୍ରଦର୍ଶନକୁ ଅଗ୍ରାଧିକାର ଦିଆଯିବା ପରେ ଏହାର ଗୁରୁତ୍ୱ କମିଯାଇଛି। ଢେଙ୍କାନାଳ ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟରେ ସିନେମା ପ୍ରଦର୍ଶନ ପାଇଁ ଉଦ୍ଦିଷ୍ଟ ପ୍ରୋଜେକ୍ଟର, ରିଲ୍ ପଡ଼ି ପଡ଼ି ନଷ୍ଟ ହେବା ଏହାର ଜ୍ୱଳନ୍ତ ଉଦାହରଣ।

ଅବିଭକ୍ତ ଢେଙ୍କାନାଳ ଜିଲାରେ ‘ଭ୍ରାମ୍ୟମାଣ ଚଳଚ୍ଚିତ୍ର’କୁ ଘରେ ଘରେ ପହଞ୍ଚାଇଥିବା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର ଅବସରପ୍ରାପ୍ତ କର୍ମଚାରୀ ତଥା ସିନେମା ସଞ୍ଚାଳକ ଲୋକନାଥ ମିଶ୍ର (୬୦) ନିଜର ଅନୁଭୂତି ବାଣ୍ଟି କହିଛନ୍ତି, ୧୯୭୮ରୁ ୧୯୯୫ ଯାଏ ସେ ବୁଲିବୁଲି ସିନେମା ପ୍ରଦର୍ଶନ କରିଛନ୍ତି। ଅଶୀ ଦଶକରେ ବ୍ରାହ୍ମଣୀ କି ରାମିଆଳ ନଦୀରେ ପୋଲ ନ ଥିଲା। ଡଙ୍ଗାରେ ପାର ହୋଇ ଯିବାକୁ ପଡୁଥିଲା। ସବୁ ଯାଗାକୁ ଗାଡ଼ିମୋଟର ପହଞ୍ଚୁ ନ ଥିବାରୁ ଶଗଡ଼ର ସହାୟତା ବି ନେବାକୁ ହେଉଥିଲା। ସେତେବେଳେ ୧୬ ଏମ୍‌ଏମ୍‌ର ପ୍ରୋଜେକ୍ଟର, କପଡ଼ା ଧରି ସନ୍ଧ୍ୟାରେ ଗାଁରେ ପହଞ୍ଚିଲେ ଲୋକମାନେ ସ୍ନେହଶ୍ରଦ୍ଧା ଅଜାଡ଼ି ଦେଉଥିଲେ। ଦିନବେଳା ସ୍କୁଲ ଘରେ ଏବଂ ରାତିରେ କୋଠଘର, ଯୁବକସଂଘ ଆଦି ସ୍ଥାନରେ ସିନେମା ପ୍ରଦର୍ଶିତ ହେଉଥିଲା। ଶ୍ରୀଜଗନ୍ନାଥ, ବନ୍ଧୁ ମହାନ୍ତି, ଅମଡାବାଟ, ବନ୍ଧନ, ନୂଆବୋଉ, ମାଟିର ମଣିଷ, ମଥୁରା ବିଜୟ, କୃଷ୍ଣ ସୁଦାମା, ସିନ୍ଦୂରବିନ୍ଦୁ, ଧରିତ୍ରୀ ଭଳି ଚଳଚ୍ଚିତ୍ରକୁ ଆଜି ମଧ୍ୟ ଲୋକେ ଝୁରି ହେଉଛନ୍ତି। ଶେଷ ଚଳଚ୍ଚିତ୍ର ଭାବେ ‘ପର ଝିଅ ଘର ଭାଙ୍ଗେନା’ ପ୍ରଦର୍ଶିତ ହୋଇଥିଲା। ୨୦୦୩ ସୁଦ୍ଧା ସମସ୍ତ ରିଲ୍‌ଗୁଡ଼ିକୁ ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ଫେରାଇ ନେଇଥିଲା। ସରକାରୀସ୍ତରରେ ଉଦ୍ୟମ ହେଲେ ‘ଭ୍ରାମ୍ୟମାଣ ଚଳଚ୍ଚିତ୍ର’ର ହୃତ୍ ଗୌରବ ଫେରିପାରନ୍ତା ବୋଲି ଲୋକନାଥ କହିଛନ୍ତି।


ଭ୍ରାମ୍ୟମାଣ ଚଳଚ୍ଚିତ୍ର ପ୍ରୋଜେକ୍ଟର ସହ ସଞ୍ଚାଳକ ଲୋକନାଥ ମିଶ୍ର।

**ପୁନଃ ପ୍ରଚଳନ ହେଲେ ସୁଫଳ ମିଳିବ**



ଷାଠିଏରୁ ନବେ ଦଶକ ମଧ୍ୟରେ ସରକାରୀ ଯୋଜନାକୁ ମନୋରଞ୍ଜନ ମାଧ୍ୟମରେ ଗ୍ରାମାଞ୍ଚଳରେ ପହଞ୍ଚାଇବାକୁ ଭ୍ରାମ୍ୟମାଣ ଚଳଚ୍ଚିତ୍ର ପ୍ରଦର୍ଶନ ସବୁଠାରୁ ଉପଯୁକ୍ତ ମାଧ୍ୟମ ଥିଲା। ଲୋକମାନେ ସ୍ୱତଃପ୍ରବୃତ୍ତ ଭାବରେ ସବୁକିଛି ବୁଝିପାରୁଥିଲେ। ଆଜି ମଧ୍ୟ ଏହାର ପ୍ରାସଙ୍ଗିକତା ରହିଛି। ଏହାର ପୁନଃ ପ୍ରଚଳନ କରାଗଲେ ଗ୍ରାମାଞ୍ଚଳବାସୀ ସୁଫଳ ପାଇପାରିବେ।
- ଶତ୍ରୁଘ୍ନ ମାଟି, ନାଟ୍ୟ ନିର୍ଦ୍ଦେଶକ

**ଭଲ ସିନେମା ଦେଖିବାର ସୁଯୋଗ ମିଳୁଥିଲା**



ଭ୍ରାମ୍ୟମାଣ ଚଳଚ୍ଚିତ୍ର ମାଧ୍ୟମରେ ଗାଁ ଲୋକେ ଓଡ଼ିଆ ସଂସ୍କୃତିର ପ୍ରତିଛବି ପରଦାରେ ଦେଖିପାରୁଥିଲେ। ଏଥିରେ ପ୍ରଦର୍ଶିତ ଆଧାମିକ ଚଳଚ୍ଚିତ୍ର ଲୋକଙ୍କୁ ବେଶ୍ ପ୍ରଭାବିତ କରିପାରୁଥିଲା। ଏହାଦ୍ୱାରା ସରକାରୀ ଯୋଜନାର ପ୍ରଚାର ପ୍ରସାର ହେବା ସହ ଭଲ ସିନେମା ଦେଖିବାର ସୁଯୋଗ ମିଳୁଥିଲା। ଯୋଜନାକୁ ପୁନର୍ବାର ଆରମ୍ଭ କଲେ ଲୋକାଦୃତ ହୋଇପାରିବ
- ଦେବାଶିଷ ମିଶ୍ର, ଧାରାବାହିକ ପ୍ରଯୋଜକ

## ଡାକ୍ତର ନାହାନ୍ତି, ସ୍ୱାସ୍ଥ୍ୟସେବା ପ୍ରଭାବିତ

**ହିନ୍ଦୋଳ, ୨୮।୭(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ହିନ୍ଦୋଳ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ ସମସ୍ୟା ଜଟିଳ ରୂପ ଧାରଣ କରିଛି। ଆବଶ୍ୟକ କର୍ମଚାରୀ ସାଙ୍ଗକୁ ବୈଷୟିକ ଭିତ୍ତିଭୂମିର ଅଭାବ ରୋଗୀ ସେବାକୁ ପ୍ରଭାବିତ କରୁଛି। ଏ ଦିଗରେ ସ୍ୱାସ୍ଥ୍ୟ ବିଭାଗ ପଦକ୍ଷେପ ନେଉ ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ସମସ୍ୟା ସମାଧାନ ଦାବିରେ ‘ଆମ ହିନ୍ଦୋଳ ସଙ୍ଗଠନ’ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳ ଉଦୟନାଥ ମହାପାତ୍ରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ହିନ୍ଦୋଳ ଉପଖଣ୍ଡ ଚିକିତ୍ସାଳୟରେ ୧୮ଜଣ ଡାକ୍ତରଙ୍କ ବଦଳରେ ୬ଜଣ କାମ କରୁଛନ୍ତି। ଡାକ୍ତରମାନେ ପାଳିକରି ଆସୁଛନ୍ତି। ବ୍ଲଡ୍ ବ୍ୟାଙ୍କ କାର୍ଯ୍ୟକ୍ଷମ ହେଉନାହିଁ। ଅଲଟ୍ରା ସାଉଣ୍ଡ ଏବଂ ଏକ୍ସ-ରେ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗରେ କର୍ମଚାରୀ ନାହାନ୍ତି। ଏହାର ସମାଧାନ ନ ହେଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସଙ୍ଗଠନର ସଭାପତି ପ୍ରଦୀପ ସାମନ୍ତ, ସମ୍ପାଦକ ସୁଜିତ ବେହେରା ପ୍ରମୁଖ ଚେତାବନୀ ଦେଇଛନ୍ତି। ଦାବି ପୂରଣ ଦିଗରେ ପଦକ୍ଷେପ ନିଆଯିବ ବୋଲି ଉପଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି।

